ରାଜସ୍ଥାନ ରାଜ୍ୟ

ବନାମ

ହିତେନ୍ଦ୍ର କୁମାର ଭଟ୍ଟ

ଅଗଷ୍ଟ 1, 1997

[ସୁଜାତା ଭି. ମନୋହର ଏବଂ ଏମ୍. ଜଗନ୍ନାଧ ରାଓ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ଯୋଗ୍ୟତା - ଅନ୍ତିମ ଧାର୍ଯ୍ୟ ତାରିଖ - ଦର୍ଶାଯାଇଛି, ଏକ ଅନ୍ତିମ ଧାର୍ଯ୍ୟ ତାରିଖ ଯାହା ଦ୍ୱାରା ଯୋଗ୍ୟତା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ପଡ଼ିବ, ଏକ ବ୍ୟକ୍ତିଗତ ମାମଲାରେ ଅଣଦେଖା କରାଯାଇପାରିବ ନାହିଁ - ଏହା ଅନ୍ୟମାନଙ୍କ ପ୍ରତି ଅନ୍ୟାୟ ସୃଷ୍ଟି କରିପାରେ - ରିଟ୍ ଆବେଦନର ଫଳାଫଳର ସାପେକ୍ଷ ହୋଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ଅନୁଯାୟୀ ପ୍ରାପ୍ତ ନିଯୁକ୍ତି, ରିଟ୍ ଆବେଦନ ଖାରଜ ହେବା ପରେ ସଠିକ ଭାବରେ ନିବୃତ୍ତ କରାଯାଇଥିଲା ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 5313/1997 ।

ଡି.ବି.ସି.ଏସ୍.ଏ. ସଂଖ୍ୟା 359/1996 ରେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟଙ୍କର 18.9.96 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ କେ.ଏସ୍. ଭାଟି ଏବଂ ଏମ୍.କେ. ସିଂ

ଉତ୍ତରଦାତାଙ୍କ ପାଇଁ ରାଜେନ୍ଦ୍ର ସିଂଭି ଏବଂ ଏ.କେ. ସିଂ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଉଭୟ ପକ୍ଷଙ୍କୁ ଶୁଣିଲୁ । ବିଜ୍ଞାପନ ସଂଖ୍ୟା 1/1992, ଯାହା 9.6.92 ରେ ଜାରି କରାଯାଇଥିଲା ସେଥିରେ କୁହାଯାଇଛି ଯେ, ଆବେଦନ ପତ୍ର ଜିଲ୍ଲା ପରିଷଦ, ଡୁଙ୍ଗରପୁରଙ୍କ କାର୍ଯ୍ୟାଳୟରେ 29.6.92 ରେ ଅପରାହ୍ନ 5 ଟା ସୁଦ୍ଧା ପହଞ୍ଚିବାକୁ ପଡ଼ିବ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅନ୍ୟାନ୍ୟ ବିଷୟ ମଧ୍ୟରେ ବି.ଏସ୍.ଟି.ସି ର ବ୍ୟାବହାରିକ/ବୈଷୟିକ ଯୋଗ୍ୟତା କିମ୍ବା ଏହାର ସମକକ୍ଷ ପଦବୀ ପାଇଁ ଆବଶ୍ୟକ ହେଉଥିବା ନିର୍ଦ୍ଧାରିତ ଯୋଗ୍ୟତା । ବିଜ୍ଞାପନର ଶେଷ ଅନୁଚ୍ଛେଦରେ କୁହାଯାଇଛି ଯେ, କାର୍ଯ୍ୟାଳୟରେ ଆବେଦନ ପତ୍ର ଗ୍ରହଣ କରିବା ପରେ କୌଣସି ପ୍ରମାଣ ପତ୍ର/ପ୍ରାପ୍ତାଙ୍କ ଫର୍ଦ୍ଦ ଗ୍ରହଣ କରାଯିବ ନାହିଁ ।

29.6.92 ରେ ଉତ୍ତରଦାତାଙ୍କ ପାଖରେ ଆବଶ୍ୟକ ବୈଷୟିକ ଯୋଗ୍ୟତା ନଥିଲା, ଯାହା ଆବେଦନ ଦାଖଲ କରିବାର ଶେଷ ତାରିଖ ଥିଲା । ସେ ବି.ଏଡ୍. ପରୀକ୍ଷା ପାଇଁ ହାଜର ହୋଇଥିଲେ, କିନ୍ତୁ 29.6.92 ରେ ପରୀକ୍ଷା ଫଳ

ଘୋଷଣା କରାଯାଇ ନଥିଲା । ପରୀକ୍ଷା ଫଳ କେବଳ 6.8.92 ରେ ଘୋଷଣା କରାଯାଇଥିଲା । ବିଜ୍ଞାପନ ଦିଆଯାଇଥିବା ପଦବୀ ପାଇଁ ସାକ୍ଷାତକାର ସେପ୍ଟେମ୍ବର 1, 1992 ଠାରୁ ଅନୁଷ୍ଠିତ ହୋଇଥିଲା ।

ଉତ୍ତରଦାତାଙ୍କୁ ଏକ ସାକ୍ଷାତକାର ପାଇଁ ଡକାଯାଇ ନଥିଲା ଯେହେତୁ ତାଙ୍କ ଆବେଦନ ପ୍ରାପ୍ତ ହେବା ତାରିଖରେ ତାଙ୍କ ପାଖରେ କୌଣସି ବୈଷୟିକ ଯୋଗ୍ୟତା ନଥିଲା । 1.9.92 ରେ ସେ ରାଜସ୍ଥାନ ଉଚ୍ଚ ନ୍ୟାୟାଳୟରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ଏବଂ ଏକ ମଧ୍ୟବର୍ତ୍ତୀକାଳୀନ ଆଦେଶ ହାସଲ କରିଥିଲେ ଯେଉଁଥିରେ ଅପିଲକାରୀ ତାଙ୍କୁ ଏକ ସାକ୍ଷାତକାର ପାଇଁ ଡାକିବା ଆବଶ୍ୟକ ଥିଲା । ଏହି ମଧ୍ୟବର୍ତ୍ତୀକାଳୀନ ଆଦେଶର ଅନୁସରଣରେ, ତାଙ୍କର ସାକ୍ଷାତକାର ନିଆଯାଇଥିଲା ଏବଂ ଏହା ପରେ, ଉଚ୍ଚ ନ୍ୟାୟାଳୟରୁ ଉତ୍ତରଦାତା ପାଇଥିବା ନିର୍ଦ୍ଦେଶ ଆଧାରରେ, ତାଙ୍କୁ ମନୋନୀତ ପ୍ରାର୍ଥୀଙ୍କ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏହା ପରେ ତାଙ୍କୁ ଏହି ରିଟ୍ ଆବେଦନର ଫଳାଫଳ ଅନୁଯାୟୀ ଅସ୍ଥାୟୀ ଭିତ୍ତିରେ ନିଯୁକ୍ତ କରାଯାଇଥିଲା । ଉତ୍ତରଦାତାଙ୍କ ଅନୁଯାୟୀ ତାଙ୍କୁ ବର୍ତ୍ତମାନ ନିଶ୍ଚିତ କରାଯାଇଛି ।.

ରିଟ୍ ଆବେଦନକୁ ଉଚ୍ଚ ନ୍ୟାୟାଳୟଙ୍କର ଏକକ ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା 17.7.95 ତାରିଖର ଆଦେଶ ଦ୍ୱାରା ଏହା ଦର୍ଶାଇ ଖାରଜ କରାଯାଇଥିଲା ଯେ, ଉକ୍ତ ବିଜ୍ଞାପନ ଅନୁଯାୟୀ ଉତ୍ତରଦାତାଙ୍କର ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଅନ୍ତିମ ଧାର୍ଯ୍ୟ ତାରିଖ ଆବେଦନ ଦାଖଲ ପାଇଁ ନିର୍ଦ୍ଧାରିତ ଶେଷ ତାରିଖ, ଯାହା 29.6.92 ଥିଲା । 5.2.96 ରେ ଉତ୍ତରଦତାଙ୍କୁ ସେବାରୁ ନିବୃତ୍ତ କରାଯାଇଥିଲା । ଉତ୍ତରଦାତା ଉଚ୍ଚ ନ୍ୟାୟଳୟଙ୍କର ଖଣ୍ଡପୀଠରେ ଏକ ଅପିଲ ଦାଖଲ କରିଥିଲେ ଯାହାକୁ ଅନୁମତି ଦିଆଯାଇଛି । ବର୍ତ୍ତମାନର ଅପିଲ ଖଣ୍ଡପୀଠର ନିଷ୍ପତ୍ତିରୁ ଆସିଛି ।

ବିଜ୍ଞାପନର ସ୍ପଷ୍ଟ ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି ଯାହା ଆମେ ଉପରେ ଉଲ୍ଲେଖ କରିଛୁ, ଉତ୍ତରଦାତା ବିଚାର ପାଇଁ ଯୋଗ୍ୟ ନଥିଲେ । ଆମ ସମ୍ମୁଖରେ ଉତ୍ତରଦାତାଙ୍କ ଦ୍ୱାରା ଏହା ଉପସ୍ଥାପିତ ହୋଇଛି ଯେ, ଯେହେତୁ ସେ ଜାରି ରଖିଛନ୍ତି ଏବଂ ବର୍ତ୍ତମାନ ନିଶ୍ଚିତ ହୋଇଛନ୍ତି ଆମେ ତାଙ୍କ ନିଯୁକ୍ତିରେ ବାଧା ଦେବା ଉଚିତ ନୁହେଁ । ସେ ଅନୁରୋଧ କରିଛନ୍ତି ଯେ, ତାଙ୍କ ମାମଲା ସହାନୁଭୂତିଶୀଳ ଭାବରେ ବିଚାର କରାଯିବା ଉଚିତ । ତେବେ, ତଥ୍ୟ ହେଉଛି ଯେ, ଅପିଲକାରୀମାନେ ଆରମ୍ଭରୁ ହିଁ ସଠିକ ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଉତ୍ତରଦାତାଙ୍କ ଆବେଦନକୁ ବିଚାରକୁ ନିଆଯାଇନଥିଲା ଏବଂ ତାଙ୍କୁ ସାକ୍ଷାତକାର ପାଇଁ ଡକାଯାଇ ନଥିଲା । ଏହା ମଧ୍ୟବର୍ତ୍ତୀକାଳୀନ ଆଦେଶ, ଯାହା ଉତ୍ତରଦାତାଙ୍କ ଦ୍ୱାରା ପ୍ରାପ୍ତ ହୋଇଥିଲା ତାର କାରଣରୁ ତାଙ୍କୁ ନିଯୁକ୍ତି ଦିଆଯାଇଥିଲା ଏବଂ ଜାରି ରଖାଯାଇଥିଲା । ସେ ଜାଣିଥିଲେ ଯେ, ତାଙ୍କ ନିଯୁକ୍ତି ତାଙ୍କ ଆବେଦନର ଫଳାଫଳର ସାପେକ୍ଷ ଅଟେ । ତେଣୁ, ଉତ୍ତରଦାତା ଯେଉଁ ପରିସ୍ଥିତିରେ ନିଜକୁ ଖୋଜି ବାହାର କରନ୍ତି, ସେ ବିଷୟରେ କେହି ଅତ୍ୟଧିକ ସହାନୁଭୂତିଶୀଳ ଦୃଷ୍ଟିକୋଣ ଗ୍ରହଣ କରିପାରିବେ ନାହିଁ । ଅନ୍ତିମ ଧାର୍ଯ୍ୟ ତାରିଖ ଯାହା ଦ୍ୱାରା ଯୋଗ୍ୟତା ସମ୍ବନ୍ଧୀୟ ସମସ୍ତ ଆବଶ୍ୟକତା ପୂରଣ କରିବାକୁ ପଡ଼ିବ, ତାକୁ ଏକ ବ୍ୟକ୍ତିଗତ ମାମଲାରେ ଅଣଦେଖା କରାଯାଇପାରିବ ନାହିଁ । ଅନ୍ୟ ବ୍ୟକ୍ତିମାନେ ମଧ୍ୟ ଆବେଦନ କରିଥାନ୍ତେ, ଯଦି ସେମାନେ ଜାଣିଥାନ୍ତେ ଯେ, ଯୋଗ୍ୟତା ହାସଲ କରିବାର ତାରିଖ ନମନୀୟ ଥିଲା । ସେମାନେ ଆବେଦନ କରିନଥାଇପାରନ୍ତି କାରଣ ନିର୍ଦ୍ଧାରିତ ତାରିଖରେ ସେମାନଙ୍କ ପାଖରେ ଆବଶ୍ୟକ ଯୋଗ୍ୟତା ନଥିଲା । ଜଣେ ବ୍ୟକ୍ତିଙ୍କ ମାମଲାରେ ନିର୍ଦ୍ଧାରିତ ଆବଶ୍ୟକତାକୁ କୋହଳ କରିବା, ତେଣୁ, ଅନ୍ୟମାନଙ୍କ ପ୍ରତି ଅନ୍ୟାୟ ସୃଷ୍ଟି କରିପାରେ ।

ଏହି ପରିସରରେ, ଉତ୍ତରଦାତା ବିଚାର ପାଇଁ ଯୋଗ୍ୟ ନଥିଲେ । ତେଣୁ, ଆମେ ଅପିଲକୁ ଅନୁମତି ଦେଉଛୁ, ଉଚ୍ଚ ନ୍ୟାୟାଳୟଙ୍କର ଆକ୍ଷେପିତ ଆଦେଶକୁ ରଦ୍ଦ କରୁଛୁ ଏବଂ ଉତ୍ତରଦାତାଙ୍କ ଦ୍ଵାରା ଦାଖଲ ହୋଇଥିବା ରିଟ୍ ଆବେଦନକୁ ଖାରଜ କରୁଛୁ । ଖର୍ଚ୍ଚ ପାଇଁ କୌଣସି ଆଦେଶ ରହିବ ନାହିଁ ।

ଆର୍.ପି. ଅପିଲକୁ ଅନୁମତି ଦିଆଯାଇଛି ।

**ଅସ୍ଵୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ